# ଭାରତୀୟ ଜନତା ପାର୍ଟି, ଓଡିଶା

ଦୁଇ ଦିନିଆ ରାଜ୍ୟ କାର୍ଯ୍ୟକାରିଣୀ ବୈଠକର ପ୍ରଥମ ଦିନରେ ଗୁରୁତ୍ୱପୂର୍ଣ୍ଣ ପଦାଧିକାରୀ ବୈଠକ

## ଆଗାମୀ ଦିନରେ ସ୍ଥାନୀୟ ସମସ୍ୟାକୁ ନେଇ ତୃଣମୂଳସ୍ତରରେ ବ୍ୟାପକ ଜନ ଆନ୍ଦୋଳନ କରାଯିବ : ବିଜେପି

- ୨୦୧୯ରେ ଅକର୍ମା ଏବଂ ଭ୍ରଷ୍ଟାଚାରୀ ବିଜେଡିକୁ ଗାଦିଚ୍ୟୁତ କରାଇବା ପାଇଁ ବିଜେପି ପୂରା ପ୍ରସ୍ତୁତ
- ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ରମୋଦୀଙ୍କ ନେତୃତ୍ୱରେ ଏକ ନୂଆ ଓ ବିକଶିତ ଓଡିଶା ଗଠନ ହେବ
- ରାଜ୍ୟ ସଭାପତିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ସମସ୍ତ ରାଜ୍ୟ ପଦାଧିକାରୀ ଏବଂ ବରିଷ୍ଠ ନେତୃବୃନ୍ଦ ଉପସ୍ଥିତ
- କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଏବଂ ରାଜ୍ୟ ପ୍ରଭାରୀ ଅରୁଣ ସିଂହ ଉପସ୍ଥିତ ଥିଲେ
- ସାଂପ୍ରତିକ ରାଜନୈତିକ ସ୍ଥିତି ଓ ସାଂଗଠନିକ ପ୍ରସଙ୍ଗରେ ମୁଖ୍ୟତଃ ଆଲୋଚନା
- ଆସନ୍ତା କାଲି ରାଜ୍ୟ କାର୍ଯ୍ୟକାରିଣୀ ବୈଠକକୁ ଉଦ୍‌ଘାଟନ କରିବେ କେନ୍ଦ୍ର ବୟନ ଶିଳ୍ପ ମନ୍ତ୍ରୀ ଶ୍ରୀମତୀ ସ୍ମୃତି ଇରାନୀ

**ଭୁବନେଶ୍ୱର, ତା.୦୬/୧୦ :** ଦୁଇ ଦିନିଆ ରାଜ୍ୟ କାର୍ଯ୍ୟକାରିଣୀ ବୈଠକର ପ୍ରଥମ ଦିନରେ ଗୁରୁତ୍ୱପୂର୍ଣ୍ଣ ପଦାଧିକାରୀ ବୈଠକ ରାଜ୍ୟ କାର୍ଯ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି । ରାଜ୍ୟରେ ହେଉଥିବା ବ୍ୟାପକ ଭ୍ରଷ୍ଟାଚାର, ଦିନକୁ ଦିନ ବଢି ଚାଲିଥିବା ମହିଳା ହିଂସା ଓ ଅତ୍ୟାଚାର, ବିପର୍ଯ୍ୟସ୍ତ ଶିକ୍ଷା, ସ୍ୱାସ୍ଥ୍ୟ ବ୍ୟବସ୍ଥା ଓ ସାଂପ୍ରତିକ ରାଜନୈତିକ ସ୍ଥିତି ଭଳି ଆହୁରି ଅନେକ ପ୍ରସଙ୍ଗରେ ଗୁରୁତ୍ୱପୂର୍ଣ୍ଣ ପଦାଧିକାରୀ ବୈଠକରେ ଆଲୋଚନା ହୋଇଥିଲା ବୋଲି ରାଜ୍ୟ ବିଜେପି ସାଧାରଣ ସଂପାଦକ ଶ୍ରୀ ପୃଥୀରାଜ ହରିଚନ୍ଦନ ସୂଚନା ଦେଇଛନ୍ତି ।

ରାଜ୍ୟର ସ୍ଥିତି ପୂରା ବେହାଲ ହୋଇପଡିଛି । ରାଜ୍ୟସରକାରଙ୍କ ସ୍ଥାଣୁତା ଏବଂ ଅପାରଗତା ପାଇଁ ଆଜି ବେରୋଜଗାର ବୃଦ୍ଧି ପାଇଛି । କୃଷକ ମାରଣ ନୀତି ଯୋଗୁଁ ଚାଷୀ ଆଜି ଆତ୍ମହତ୍ୟା କରିବାକୁ ବାଧ ହେଉଛି । ଚାଷୀଙ୍କୁ ତଳିତଳାନ୍ତ କରିବାରେ ନବୀନ ସରକାର ପ୍ରମୁଖ ଭୂମିକା ଗ୍ରହଣ କରିଛନ୍ତି । ରାଜ୍ୟରେ ଶିକ୍ଷା ଓ ସ୍ୱାସ୍ଥ୍ୟ ବ୍ୟବସ୍ଥା ପୂରା ବିପର୍ଯ୍ୟସ୍ତ ହୋଇ ପଡିଛି । ରାଜ୍ୟସରକାରଙ୍କ ନୀତି ବିରୁଦ୍ଧରେ ଏକ ଖସଡା ପ୍ରସ୍ତୁତ କରିଛି ରାଜ୍ୟ ବିଜେପି କାର୍ଯ୍ୟକାରିଣୀ । ଏଥି ସହ ଆଗାମୀ ଦିନରେ ସ୍ଥାନୀୟ ସମସ୍ୟାକୁ ନେଇ ତୃଣମୂଳସ୍ତରରେ ବ୍ୟାପକ ଜନ ଆନ୍ଦୋଳନ ଆରମ୍ଭ ହେବା ସହ ରାଜ୍ୟ ସରକାରଙ୍କ ସ୍ଥାଣୁତା ଏବଂ ଅପାରଗତା ସଂପର୍କରେ ସାଧାରଣ ଲୋକଙ୍କୁ ଅବଗତ କରାଯିବ ବୋଲି ଶ୍ରୀ ହରିଚନ୍ଦନ କହିଛନ୍ତି ।

ରାଜ୍ୟରେ ଶାସକ ବିଜେଡି ଅରାଜକତା ଚଲାଇଛି । ଏହି ଶାସନ ବିରୁଦ୍ଧରେ ସାଧାରଣ ଜନତା କ୍ଷୋଭ ପ୍ରକାଶ କଲେଣି । ଆଗାମୀ ୨୦୧୯ରେ ଶାସକ ବିଜେଡିକୁ ହଟାଇବାକୁ ବିଜେପି ପୂରା ପ୍ରସ୍ତୁତ ହେଲାଣି । ଓଡିଶାରେ ବିକାଶର ରଥ ଦଉଡିବ ଏବଂ ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ରମୋଦୀଙ୍କ ନେତୃତ୍ୱରେ ଏକ ନୂଆ ଏବଂ ବିକଶିତ ଓଡିଶା ଗଠନ ହେବ ବୋଲି  ଶ୍ରୀ ହରିଚନ୍ଦନ କହିଛନ୍ତି ।

ସାଙ୍ଗଠନିକ ସ୍ତରରେ ନିର୍ବାଚନ ପାଇଁ ବିଜେପି ସଂପୂର୍ଣ୍ଣ ଭାବେ ପ୍ରସ୍ତୁତ ଅଛି ।  ଆଗାମୀ ମାସରେ ନିର୍ବାଚନ ହେଲେ ବିଜେପି ସାଙ୍ଗଠନିକ ଏବଂ ନେତୃତ୍ୱସ୍ତରରେ ନିର୍ବାଚନ ଲଢିପାରିବ । ଅକର୍ମା ଏବଂ ଭ୍ରଷ୍ଟାଚାରୀ ସରକାରକୁ ଗାଦିଚ୍ୟୁତ କରିବା ପାଇଁ ବ୍ୟାପକ ଜନଆନ୍ଦୋଳନ ଆରମ୍ଭ ହେବ ବୋଲି ଆଜିର ପଦାଧିକାରୀ ବୈଠକରେ ଆଲୋଚନା ହୋଇଛି । ଆସନ୍ତା କାଲି ରାଜ୍ୟ କାର୍ଯ୍ୟକାରିଣୀ ବୈଠକକୁ କେନ୍ଦ୍ର ବୟନ ଶିଳ୍ପ ମନ୍ତ୍ରୀ ଶ୍ରୀମତୀ ସ୍ମୃତି ଜୁବୀନ ଇରାନୀ ଉଦଘାଟନ କରିବେ । ଏଥିସହ ରାଜ୍ୟର ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ସହ ସାଂପ୍ରତିକ ରାଜନୈତିକ ସ୍ଥିତି ସମ୍ବନ୍ଧରେ ଆଲୋଚନା ହେବ ବୋଲି ଶ୍ରୀ ହରିଚନ୍ଦନ ସୂଚନା ଦେଇଛନ୍ତି ।

ରାଜ୍ୟ ସଭାପତି ଶ୍ରୀ ବସନ୍ତ ପଣ୍ଡାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉକ୍ତ ବୈଠକରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ରାଷ୍ଟ୍ରୀୟ ସାଧାରଣ ସଂପାଦକ ଓ ରାଜ୍ୟ ପ୍ରଭାରୀ ଶ୍ରୀ ଅରୁଣ ସିଂହ, ରାଷ୍ଟ୍ରୀୟ ସଂପାଦକ ଶ୍ରୀ ସୁରେଶ ପୂଜାରୀ, ବିଧାୟକ ଦଳ ନେତା ଶ୍ରୀ କନକ ବର୍ଦ୍ଧନ ସିଂହଦେଓ, ରାଜ୍ୟ ସାଧାରଣ ସଂପାଦକ (ସଂଗଠନ) ଶ୍ରୀ ମାନସ କୁମାର ମହାନ୍ତି, ବରିଷ୍ଠ ନେତା ବିଶ୍ୱଭୂଷଣ ହରିଚନ୍ଦନ, ଗିରିଧାରୀ ଗମାଙ୍ଗୋ, ମନମୋହନ ସାମଲ ଏବଂ ବରିଷ୍ଠ ନେତୃବୃନ୍ଦଙ୍କ ଉପସ୍ଥିତିରେ ସମସ୍ତ ରାଜ୍ୟ ପଦାଧିକାରୀମାନେ ଯୋଗ ଦେଇଥିଲେ ।

**(ବିଜେପି ମିଡିଆ ସେଲ୍)**